ଧରିତ୍ରୀ
DHARITRI
ଗୁରୁବାର, ୨୦ ମେ, ୨୦୨୧



**ଆମାନିଆ ଗଣିଲେ ଦଣ୍ଡ**

ଚିକିଟି/ପୋଲସରା, (ଡି.ଏନ.ଏ.): ଚିକିଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଭୋଜି ଚାଲିଥିବା ବେଳେ ବୁଧବାର ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚିକିଟି ବିଡିଓ ଫାଲ୍ଗୁନି ମାଝି ଓ ତହସିଲଦାର ବିଶ୍ୱରଞ୍ଜନ କହଁର ପହଞ୍ଚି ଭୋଜି ଆୟୋଜନକାରୀଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଏଥିସହ ସୁନୁପୁର ଓ ଚାନ୍ଦପୁର ଗ୍ରାମରେ ରାତ୍ରିରେ ଭୋଜି ହେବାକୁ ଥିବା ଆୟୋଜନକାରୀଙ୍କୁ ତାଗିଦ୍ କରି ଫେରିଛନ୍ତି। ସେହିପରି ପୋଲସରାର ଡେଙ୍ଗାପଦର, କଳମ୍ବ, ରାଣୀପଡା, ଖଣ୍ଡୁରୁ ଆଦି ଗ୍ରାମରେ ଚାଲିଥିବା ବିବାହ ଭୋଜିକୁ ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଓ ତହସିଲଦାର ପ୍ରଦୀପ କୁମାର ନାୟକ ବନ୍ଦ କରିଥିଲେ। ଭୋଜିକର୍ତ୍ତା ମାନଙ୍କଠାରୁ ୧୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

## ସଂକ୍ଷେପରେ

### ଗଜପତିରେ ୮୨ ପଜିଟିଭ୍

ପାରଳାଖେମୁଣ୍ଡି,୧୯।୫(ଡି.ଏନ୍.ଏ.): ଗଜପତି ଜିଲାରେ ବୁଧବାର ୯୬୭ ଜଣଙ୍କ ପରୀକ୍ଷା କରାଯାଇଥିଲା। ସେଥିରୁ ୮୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୭୨୮୦ରେ ପହଞ୍ଚିଛି। ପାରଳାଖେମୁଣ୍ଡି ସହରରୁ ସର୍ବାଧିକ ୨୩ ଜଣ, ଗୋଷାଣୀ ବ୍ଲକରୁ ୮, କାଶୀନାଗର ବ୍ଲକରୁ ୧୪, ରାୟଗଡ ବ୍ଲକରୁ ୯, ନୂଆଗଡ ୮ ଏବଂ ଉଦୟଗିରି ବ୍ଲକରୁ ୬, ମୋହନା ବ୍ଲକରେ ୧୪ ଜଣ ଚିହ୍ନଟ ହୋଇଥିବାର ଗଜପତି ଜିଲାପାଳ ଅନୁପମ ସାହା ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ସଂକ୍ରମିତମାନେ ସଙ୍ଗରୋଧ, କୋଭିଡ୍ ହସ୍ପିଟାଲ ଏବଂ ସିସିସିରେ ରହି ଚିକିତ୍ସିତ ହୋଉଛନ୍ତି। ସଂକ୍ରମଣ ରୋକିବା ଲାଗି ସହରର ସମସ୍ତ ନାକା ପଇଣ୍ଟରେ ଚେକିଂ କଡ଼ାକଡ଼ି କରାଯାଉଛି। ଜିଲାପାଳ ଏବଂ ଆରକ୍ଷୀ ଅଧିକାରୀ ଓ ପରଳା ପୋଲିସ ଉପସ୍ଥିତ ରହି ଏହାକୁ ତଦାରଖ କରୁଛନ୍ତି। ମେଡିକାଲ ଟିମ ନାକା ପଇଣ୍ଟରେ ରହି ବାହାରୁ ଆସୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

### ଫାଟିଲା ଗ୍ୟାସ୍ ସିଲିଣ୍ଡର, ବର୍ତ୍ତିଲେ ପରିବାର



ବ୍ରହ୍ମପୁର ଅଫିସ,୧୯ ।୫: ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟସ୍ଥ ନୂଆ ଗୌଡ଼ସାହିରେ ବୁଧବାର ସନ୍ଧ୍ୟାରେ ଏକ ଗ୍ୟାସ୍ ସିଲିଣ୍ଡର୍ ଫାଟି ଅଗ୍ନିକାଣ୍ଡ ଘଟିଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଦୁର୍ଘଟଣାରେ କେହି ଆହତ ହୋଇନାହାନ୍ତି। କିନ୍ତୁ ସିଲିଣ୍ଡର୍ ଫାଟି ଘରର ଆଜବେଷ୍ଟସ୍ ଛାତ ଓ କାଚ ଫାଟି ଜିନିଷପତ୍ର ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ନୂଆ ଗୌଡ଼ସାହିର ତିରୁପତି ଗୌଡ଼ଙ୍କ ଝିଅ ଗାୟତ୍ରୀ ଘରେ ରୋଷେଇ କରୁଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ହଠାତ ଗ୍ୟାସ୍ ଲିକ୍ ହୋଇ ନିଆଁ ଜଳି ଉଠିଥିଲା। ଏଥିରେ ଭୟଭୀତ ହୋଇ ପରିବାର ବର୍ଗ ଘରୁ ବାହାରକୁ ଚାଲି ଆସିଥିଲେ। ନିଆଁ ସିଲିଣ୍ଡରକୁ ସଂଯୋଗ ହୋଇଯାଇଥିଲା। ଫଳରେ କିଛି ସମୟ ପରେ ସିଲିଣ୍ଡର୍ ଫାଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଘରେ ଥିବା ଟିଭି, ଆଲମିରା, ଆସବାବପତ୍ର ସବୁ ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରାୟ ୨ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି।

# ଗଞ୍ଜାମରେ ପୁଣି ଆରମ୍ଭ ହେଲା ମିଲ୍ କାର୍ଯ୍ୟକ୍ରମ

- ଗରିବଙ୍କୁ ରାଶନ ବାଣ୍ଟିଲା ପ୍ରଶାସନ
- ସଂକ୍ରମିତଙ୍କ ପାଇଁ ନ୍ୟୁଟ୍ରିସନ୍ କିଟ୍ ଦାନ

ଛତ୍ରପୁର,୧୯।୫(ଡି.ଏନ.ଏ)

ଗଞ୍ଜାମ ଜିଲା ପ୍ରଶାସନ ଗତବର୍ଷ କରୋନାର ପ୍ରଥମ ଲହର ବେଳେ ମିଲ୍ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଗରିବ, ଅସହାୟଙ୍କୁ ଖାଦ୍ୟ ଯୋଗାଇ ଦେବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ପ୍ରଶଂସା କରିଥିଲେ । ଚଳିତବର୍ଷ କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ରୋକିବା ପାଇଁ ଏବେ ଲକ୍‌ଡାଉନ ଜାରି ରହିଛି। ଏଥିଯୋଗୁ ସାଧାରଣ ଲୋକଙ୍କ ଜୀବିକା ମଧ୍ୟ ପ୍ରଭାବିତ ହୋଇଛି। ଅସହାୟ, ନିରାଶ୍ରୟ ଓ ଗରିବଙ୍କୁ ଏହି ଘଡିସନ୍ଧି ମୁହୂର୍ତ୍ତରେ ସାହାଯ୍ୟ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପୁଣି ମିଲ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି।

ଏହି କାର୍ଯ୍ୟକ୍ରମରେ ଆବଶ୍ୟକ କରୁଥିବା ଲୋକଙ୍କ ଘରେ ଜିଲା ପ୍ରଶାସନ ପହଞ୍ଚି ବିଭିନ୍ନ ଶୁଖିଲା ରୋଷେଇ ସାମଗ୍ରୀ ବଣ୍ଟନ କରୁଛି। ଚାଉଳ, ଡାଲି, ତେଲ, ସୋୟାବିନ ଆଦି ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ବଣ୍ଟାଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରଶାସନକୁ ଜିଲାର ବିଭିନ୍ନ ଏନଜିଓ ଓ କେତେକ ଅନୁଷ୍ଠାନ ମଧ୍ୟ ସହଯୋଗର ହାତ ବଢାଇଛନ୍ତି। ବୁଧବାର ଛତ୍ରପୁର ଏନ୍‌ଏସି କଲୋନୀ ବସ୍ତିରେ ଥିବା ୧୫ ଅସହାୟ ପରିବାରକୁ ମିଲ୍ କାର୍ଯ୍ୟକ୍ରମରେ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟାଯାଇଛି। ଏହି କାର୍ଯ୍ୟକ୍ରମରେ ଡିଆରଡିଏ ପିଡି ସିନ୍ଦେ ଦତାତ୍ରେୟ ଭାଉସାହେବ,ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଶ ବାବୁ, ଡିଆରଡିଏ ଏପିଡି(ତାଲିମ) ବାଣୀ ସୁକାନ୍ତ ପଟ୍ଟନାୟକଙ୍କ ସମେତ ଏନ୍‌ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ। ୱାଇଏସଡି ଓ ଅରୁଣା ଏନଜିଓ ମିଲ୍ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପ୍ରଶାସନକୁ ସହାୟତା କରୁଥିବା ଡିଆରଡିଏ ପିଡି ଟୁଇଟ୍ କରି ସୂଚନା ଦେଇଛନ୍ତି। ବ୍ରହ୍ମପୁରର ୱାଇଏସଡି ପକ୍ଷରୁ ଅକ୍ସିଜେନ୍ ମିଟ୍, ହ୍ୟାଣ୍ଡ ଗ୍ଲୋବସ୍, ଏନ୍-୯୫ ମାସ୍କ ଆଦି ମେଡିକାଲ ଇକ୍ୟୁପମେଣ୍ଟ ବଣ୍ଟନ ଲାଗି ଡିଆରଡିଏ ପିଡିଙ୍କୁ ଦିଆଯାଇଛି। ବ୍ରହ୍ମପୁରର ରୋଟାରୀ କ୍ଲବ ଓ ରୋଟରୀ କ୍ଲବ ସେଣ୍ଟ୍ରାଲ ୧ ହଜାର ଲେଖାଏ ନ୍ୟୁଟ୍ରିସନ୍ କିଟ୍ ବ୍ରହ୍ମପୁର ଏମକେସିଜିରେ ଥିବା ରୋଗୀଙ୍କ ପାଇଁ ପ୍ରଦାନ କରିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି।



ଡିଆରଡିଏ ପିଡି ରାଶନ ସାମଗ୍ରୀ ବାଣ୍ଟୁଛନ୍ତି।

## ୩ ଦିନରେ ୪.୩୬ ଲକ୍ଷ ଜରିମାନା

ବ୍ରହ୍ମପୁର ଅଫିସ,୧୯।୫

କରୋନା ମୁକାବିଲା ପାଇଁ ରାଜ୍ୟବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏପରିକି ସପ୍ତାହାନ୍ତ ଶଟ୍‌ଡାଉନ ମଧ୍ୟ ଘୋଷଣା କରାଯାଇଛି। ଜରୁରୀ କାମ ବ୍ୟତୀତ ଘରୁ ନ ବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲକ୍‌ଡାଉନ୍ ସମୟରେ ଗତ ୧୬ ତାରିଖ ସକାଳ ୬ଟା ରୁ ୧୯ ତାରିଖ ସକାଳ ୬ଟା ୭୨ ଘଣ୍ଟା ମଧ୍ୟରେ ୮୭୨ ଗାଡ଼ି ଚାଳକଙ୍କୁ ୪ ଲକ୍ଷ ୩୬ ହଜାର ଟଙ୍କାର ଇ-ଚାଲାଣ ଜାରି କରାଯାଇଛି। ବ୍ରହ୍ମପୁର ପୋଲିସ ତରଫରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଲୋକଙ୍କଠାରୁ ୧ ଲକ୍ଷ ୧୬ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ୪୬ ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ମାମଲାରେ ୧୮୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି କରୋନା ନିୟମ ଉଲ୍ଲଂଘନ କରି ସାମାଜିକ ଦୂରତା ରକ୍ଷା କରି ନ ଥିବା ୩୮ ଜଣଙ୍କ ଠାରୁ ୧୭୯୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଲକ୍‌ଡାଉନ ବେଳେ ଖୋଲାଥିବା ୨୫ ଦୋକାନକୁ ବନ୍ଦ କରାଯାଇ ଦୋକାନୀଙ୍କଠାରୁ ୧୨୫୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଶଟ୍‌ଡାଉନ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୪,୮୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ପୃଥକ ୬ ଟି ସ୍ଥାନରୁ ବେଆଇନ ମଦ ବିକ୍ରି ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୮୨ ଲିଟର ମଦ ଜବତ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଟୁଇଟ୍ ଯୋଗେ ବୁଧବାର ସୂଚନା ଦେଇଛନ୍ତି।

**ଲକ୍‌ଡାଉନ୍ ନିୟମ ଅବମାନନା**

## ପୃଥକ୍ ସ୍ଥାନରେ ଭୋଜି ବନ୍ଦ କଲେ ତହସିଲଦାର



ତହସିଲଦାର ଏକ ଭୋଜି ବନ୍ଦ କରୁଛନ୍ତି ।

ଭଞ୍ଜନଗର,୧୯।୫(ଡି.ଏନ୍.ଏ.)

କରୋନା ସଂକ୍ରମଣ ଆଶଙ୍କା ଥିବାରୁ କୌଣସି ଭୋଜିଭାତକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ବିବାହରେ ମାତ୍ର ୨୫ ଲୋକ ସାମିଲ ହେବା ଓ ସେମାନଙ୍କୁ ପାକେଟରେ ଖାଦ୍ୟ ଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ହେଲେ ଲୋକେ ଏହାକୁ ମାନିବାକୁ ପ୍ରସ୍ତୁତ ନ ଥିବା ଦେଖାଯାଉଛି। ବୁଧବାର ବିବାହ ତିଥି ଥିବାରୁ ଭଞ୍ଜନଗର ଅଞ୍ଚଳରେ ଏକାଧିକ ଭୋଜି ହେଉଛି। ଖବର ପାଇ ଭଞ୍ଜନଗର ତହସିଲଦାର ଆଲୋକ ପ୍ରଧାନ ମୁଜାଗଡ଼ ଓ ଦଦରାଲୁଣ୍ଡାରେ ଚାଲିଥିବା ଭୋଜିରେ ଚଢ଼ାଉ କରି ଭୋଜି ବନ୍ଦ କରିବା ସହ ଆୟୋଜକଙ୍କ ଉପରେ ଜରିମାନା ପକାଇଛନ୍ତି।

## ଶଯ୍ୟା ପାଇଁ ହେଲ୍ପଲାଇନ୍ ନମ୍ବର

ଛତ୍ରପୁର,୧୯।୫(ଡି.ଏନ.ଏ)

**ସକ୍ରିୟ ରୋଗୀ ସଂଖ୍ୟା ୨ ହଜାର ତଳକୁ ଖସିଲା**

ଗଞ୍ଜାମ ଜିଲାରେ ବିଭିନ୍ନ ସମୟରେ କରୋନା ରୋଗୀଙ୍କ ପାଇଁ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟା ଅଭାବ ଥିବା ଅଭିଯୋଗ ହୋଇଆସୁଛି । ଅନ୍ୟପକ୍ଷରେ ଜିଲାର କୌଣସି କୋଭିଡ୍ ହସ୍ପିଟାଲରେ ଶଯ୍ୟା ଅଭାବ ନ ଥିବା ଏବଂ ଏହାକୁ ସେଣ୍ଟ୍ରାଲିଂ ମନିଟରିଂ କରାଯାଉଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୁଣି କହିଛନ୍ତି। କରୋନା ରୋଗୀଙ୍କ ସୁବିଧା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ୱାର୍ ରୁମ୍ ହେଲ୍ପଲାଇନ୍ ନମ୍ବର ବୁଧବାର ଜାରି ହୋଇଛି । ହେଲ୍ପଲାଇନ୍ ନମ୍ବର ୦୬୮୦-୨୨୨୭୦୦୦କୁ ଫୋନ୍ କଲେ କୋଭିଡ୍ ସମ୍ବନ୍ଧୀୟ ସୂଚନା ଓ ଶଯ୍ୟା ଅଛି କି ନାହିଁ ଜାଣିହେବ ବୋଲି ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ଗଞ୍ଜାମ ଟିମ୍ ରୋଗୀଙ୍କ ଆବଶ୍ୟକତାକୁ ଧ୍ୟାନ ଦେବାକୁ ଜିଲାପାଳ କହିଛନ୍ତି। ଜିଲାରେ ଆଉ ୧୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୩୬୬ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲାପାଳ ବୁଧବାର ସୂଚନା ଦେଇଛନ୍ତି। ସଂକ୍ରମିତ ସଂଖ୍ୟା ହ୍ରାସ ଓ ସୁସ୍ଥ ସଂଖ୍ୟା ଅଧିକ ଥିବାରୁ ଟିମ୍ ଗଞ୍ଜାମକୁ ଜିଲାପାଳ ଧନ୍ୟବାଦ ଦେଇଛନ୍ତି। ଜିଲାରେ ଏବେ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୨ ହଜାର ତଳକୁ ଖସିଛି ।




ହେଲ୍ପଲାଇନ୍ ନମ୍ବର ।

## ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ପାଇଁ ଦାବି

ବ୍ରହ୍ମପୁର ଅଫିସ,୧୯।୫

ସ୍କୁଲ ବନ୍ଦ ନିଷ୍ପତ୍ତି ବିରୋଧରେ ହାଇକୋର୍ଟଙ୍କ ରାୟ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଗଞ୍ଜାମ ଜିଲା ବିଦ୍ୟାଳୟ ସୁରକ୍ଷା କମିଟି ବ୍ରହ୍ମପୁର ଶାଖା ପକ୍ଷରୁ ବୁଧବାର ଭର୍ଚୁଆଲରେ ଦାବି ହୋଇଛି। ଗଞ୍ଜାମ ଜିଲାର ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ସରକାରୀ ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ନାମ ଲେଖାଇବା ପାଇଁ ଦାବି ହୋଇଥିଲା। ସଂଘ ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ଦାବିପତ୍ରକୁ ରାଜ୍ୟ ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ ଓ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୮ ଶିକ୍ଷାବର୍ଷରେ କମ୍ ଉପସ୍ଥାନ କାରଣ ଦର୍ଶାଇ ସରକାର ରାଜ୍ୟର ୧୪,୩୭୯ ସ୍କୁଲ ବନ୍ଦ କରି ନିକଟସ୍ଥ ସ୍କୁଲରେ ମିଶ୍ରଣ ନିଷ୍ପତ୍ତି ନେଇଥିଲେ। ବହୁ ଆନ୍ଦୋଳନ ଓ ବାଦ ବିବାଦ ପରେ ହାଇକୋର୍ଟଙ୍କ ଦ୍ୱାରା ଏହି ନିଷ୍ପତ୍ତିକୁ ଖାରଜ କରି ଛୋଟପିଲାଙ୍କୁ ଦୂର ସ୍କୁଲକୁ ପଠାଇବା ବେଆଇନ ବୋଲି ରାୟ ଦେଇଥିଲେ। ଏଣୁ ଗଞ୍ଜାମ ଜିଲାରେ ବନ୍ଦ ହୋଇ ରହିଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟ ଖୋଲି ନାମଲେଖା ତୁରନ୍ତ ଆରମ୍ଭ କରିବା ପାଇଁ ସଂଘ ଦାବି କରିଛି। ସଂଘ ପକ୍ଷରୁ ସୋମନାଥ ବେହେରା ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାନୀ ଶଙ୍କର ମିଶ୍ର, ନିମାଇଁ ଚରଣ ସାହୁ, ପପୁନ ସାହୁ ଓ ନାରାୟଣ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

## ୧୫ ଶିବିରରୁ ୪୨୦୦ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର ଅଫିସ,୧୯।୫

**ଜୀବନବିନ୍ଦୁ କାର୍ଯ୍ୟକ୍ରମ**

ଗଞ୍ଜାମ ଜିଲା ବିଜେଡିର ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ସମେତ ୧୫ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୨୦୨୦ ଡିସେମ୍ବରରୁ ୨୦୨୧ ଏପ୍ରିଲ ୨୦ ସୁଦ୍ଧା ହୋଇଥିବା ଶିବିରଗୁଡ଼ିକରୁ ସଂଗୃହୀତ ୪୨୦୦ ୟୁନିଟ୍ ରକ୍ତ ରେଡ୍‌କ୍ରସ ରକ୍ତଭଣ୍ଡାରକୁ ଦିଆଯାଇଛି। ପୂର୍ବତନ ବିଡିଏ ଅଧ୍ୟକ୍ଷ ତଥା ରାଜ୍ୟ ବିଜେଡିର ଅନ୍ୟତମ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ଏବେ ଗଞ୍ଜାମ ଜିଲା ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ଅଛନ୍ତି। ଦଳର ଜିଲା ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି। ଜିଲା ସଂଯୋଜକ ମହାରଣା ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ସମ୍ପୃକ୍ତ ଦଳର ବିଧାୟିକା ଓ ବିଧାୟକଙ୍କ ସହଯୋଗରେ ଶିବିର ଆୟୋଜନ କରି କାର୍ଯ୍ୟକ୍ରମ ସଫଳ କରାଉଛନ୍ତି।

## ପାନଦୋକାନୀଙ୍କୁ ହତ୍ୟା ମାମଲା
## ଫେରାର ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୧୯।୫(ଡି.ଏନ.ଏ.)

ଦିଗପହଣ୍ଡି ଥାନା ନୂଆ ଅନନ୍ତେଇ ଗ୍ରାମରେ ସିଗାରେଟ୍ ଖଣ୍ଡେ ଧାର ନ ଦେବାରୁ ଗତ ଜାନୁୟାରୀ ୩୧ ତାରିଖ ରାତିରେ ପାନ ଦୋକାନୀ ଦୁଷ୍ମନ୍ତ ଚୌଧୁରୀଙ୍କୁ ସଂଘବଦ୍ଧ ହତ୍ୟା କରାଯାଇଥିଲା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଗାଁ ମୁଖିଆ ଅମି ସେଠୀଙ୍କ ମୋବାଇଲ ଫୋନ ଟ୍ରାକିଂ କରି ଦିଗପହଣ୍ଡି ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ବୁଧବାର ଗୋପାଳପୁର ଜଙ୍କଶନରୁ ଧରିଥିଲା। ସେ ଘଟଣା ପରଠାରୁ କଟକ ଅଞ୍ଚଳରେ ଲୁଚି ରହିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। କରୋନା ପରୀକ୍ଷା କରାଯିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ମାମଲା ନଂ.୨୬/୨୧ ଅନୁଯାୟୀ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଯାଇଛି। ପୂର୍ବରୁ ଏହି ହତ୍ୟା ମାମଲାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଏକ ଘରୋଇ ବ୍ୟାଙ୍କର ଅଧିକାରୀ ସୁନୀଲ କୁମାର ନାୟକଙ୍କ ସମେତ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି। ଘଟଣା ଦିନ ରାତିରେ ଗ୍ୟାଙ୍ଗ ଲିଡର ଭାବେ ଦୁଷ୍ମନ୍ତଙ୍କ ଘର ପାଖକୁ ଯାଇ ତାଙ୍କୁ ସଂଘବଦ୍ଧ ଆକ୍ରମଣରେ ଗାଁ ମୁଖିଆ ଅମି ସାମିଲ ଥିଲେ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ବଳଭଦ୍ର ଗଣ୍ଡ କହିଛନ୍ତି।



ଗିରଫ ଅଭିଯୁକ୍ତ ଅମି।

## ସାନିଟାଇଜ୍ ପାଇଁ ଅପେକ୍ଷା କଲେ ଅଗ୍ନିଶମ କର୍ମଚାରୀ

ପାତ୍ରପୁର,୧୯।୫ (ଡି.ଏନ.ଏ.)

**ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା**

ପାତ୍ରପୁର ବ୍ଲକ ତୁମ୍ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାନିଟାଇଜ୍ କରିବାକୁ ଯାଇ ଅଗ୍ନିଶମ ବିଭାଗ ବାହାରେ ଅଧଘଣ୍ଟା ଅପେକ୍ଷା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତୁମ୍ବା ମେଡିକାଲରେ ଡାକ୍ତର ଆସୁନଥିବାରୁ ବିଭିନ୍ନ ସମୟରେ ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ବୁଧବାର ପାତ୍ରପୁର ଅଗ୍ନିଶମ ବିଭାଗ ବରଙ୍ଗ, ଜରଡ଼ା ଓ ତୁମ୍ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଙ୍କୁ ସାନିଟାଇଜ୍ କରିବା ପାଇଁ ଯାଇଥିଲେ। ହେଲେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଅଗ୍ନିଶମ ବିଭାଗକୁ ସାନିଟାଇଜ କରିବା ପାଇଁ ଅଧ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ପରେ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଫୋନ କରି ଜଣାଇବା ପରେ ଜଣେ ମେଡିକାଲ କର୍ମଚାରୀ ଆସି ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଥିଲେ। ତେବେ ଏଥିପ୍ରତି ପ୍ରଶାସନ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ନିର୍ଯାତନା ସହି ନ ପାରି ଆତ୍ମହତ୍ୟା ଅଭିଯୋଗ

ଭଞ୍ଜନଗର,୧୯।୫(ଡି.ଏନ.ଏ)

ଗାଲେରି ଫାଣ୍ଡି ଅନ୍ତର୍ଗତ ଢେପସାହିର ସୁନିତା ଗୌଡ଼ ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି। ଏ ନେଇ ନଂ.୧୧୩/୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ସୁନିତାଙ୍କ ବାପା ଚାକୁଣ୍ଡାପଲ୍ଲୀର ମୋଚିରାମ ଗୌଡ଼ ଥାନାରେ ଅଭିଯୋଗ କରିଛନ୍ତି, ସ୍ୱାମୀଙ୍କ ସୁରଟରେ ରହୁଥିବା ବେଳେ ଝିଅକୁ ଶାଶୁ ଘର ଲୋକେ ବାରମ୍ବାର ନିର୍ଯାତନା ଦେଉଥିବାରୁ ସେ ଏପରି ଚରମ ନିଷ୍ପତ୍ତି ନେଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଷଳ ପଦକ୍ଷେପ ନିଆଯିବ ବୋଲି ଗାଲେରି ଫାଣ୍ଡି ଅଧିକାରୀ ଚନ୍ଦ୍ର ଶେଖର ବେହେରା କହିଛନ୍ତି। ସୂଚନାଯୋଗ୍ୟ, ସୁନିତାଙ୍କ ଝିଅରଙ୍କ ବୁଧବାର ବାହାଘର ଥିଲା ।

## କରୋନା ତଥ୍ୟ ଲୁଚାଉଛନ୍ତି ସରକାର

ପାରଳାଖେମୁଣ୍ଡି,୧୯।୫(ଡି.ଏନ.ଏ.)

କରୋନାର ଦ୍ୱିତୀୟ ଲହରରେ ରାଜ୍ୟରେ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଲୁଚାଉଥିବା ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଏକ ଭିଡିଓ ମାଧ୍ୟମରେ କହିଛନ୍ତି। ସେ କହିଛନ୍ତି, ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୪ ଗୁଣ ବଢ଼ିଛି। ଗତଥର ପଞ୍ଚାୟତଗୁଡିକରେ ଖୋଲା ଯାଇଥିବା ଟିଏମ୍‌ସିର ସାମଗ୍ରୀ ସବୁ ଏବେ କାହା ଦାୟିତ୍ୱରେ ରହିଛି ତାହାର ସୂଚନା ପ୍ରଶାସନ ପାଖରେ ନାହିଁ। ସେହିପରି କିଟ୍ ଅଭାବରୁ ବହୁତ କମ୍ କରୋନା ଟେଷ୍ଟିଂ ହେଉଛି। ତେଣୁ ସରକାର ଜନସାଧାରଣଙ୍କୁ କିଟ ଯୋଗାଇବା ସହ ଘର ଘର ସର୍ଭେ କରି ଟେଷ୍ଟିଂ କରିବାକୁ ବିଧାୟକ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରେନା ମୁକାବିଲା ଲାଗି ଏକ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗଜପତି ଜିଲାରେ କରୋନାରେ ଦୈନିକ ୫ରୁ ୧୦ ଜଣଙ୍କ ମୃତ୍ୟୁ ଘଟୁଥିବା ବେଳେ ପ୍ରଶାସନ ପକ୍ଷରୁ ଜଣେ କିମ୍ବା ଦୁଇଜଣଙ୍କ ମୃତ୍ୟୁ ଘଟୁଥିବା ସୂଚନା ଦିଆଯାଉଛି। ଜିଲାବାସୀଙ୍କୁ ଅନ୍ଧକାରରେ ନ ରଖି ସରକାର କରୋନାର ଠିକ ରିପୋର୍ଟ ପ୍ରଦାନ କରନ୍ତୁ ବୋଲି ବିଧାୟକ ରାଓ ନିବେଦନ କରିଛନ୍ତି। ଏଥିସହ ସେ ଜନସାଧାରଣଙ୍କୁ ମାସ୍କ, ସାନିଟାଇଜର ବ୍ୟବହାର କରିବା ଓ ଅତି ଆବଶ୍ୟକ ନ ହେଲେ ଘରୁ ନ ବାହାରିବାକୁ ଅନୁରୋଧ କରିଛନ୍ତି ।



କେ. ନାରାୟଣ ରାଓ

## ଦୋଷୀଙ୍କୁ ଗିରଫ ଦାବିକଲା ନାଗରିକ ସୁରକ୍ଷା ମଞ୍ଚ

ଆର.ଉଦୟଗିରି,୧୯।୫ (ଡି.ଏନ.ଏ.)

ଆର.ଉଦୟଗିରି ଥାନା ଛେଲିଗଡ଼ ଗ୍ରାମରେ ଗତ ୭ ତାରିଖରେ ତହସିଲଦାର ଓ ପୋଲିସଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ନିନ୍ଦା କରିବା ସହ ଦୋଷୀ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ସୁରକ୍ଷା ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଛି। ବର୍ତ୍ତମାନ ସମୟରେ ରାତି ଦିନ ପ୍ରଶାସନ ଲୋକଙ୍କୁ ସୁରକ୍ଷା ଦେଉଥିବା ବେଳେ ସେମାନଙ୍କୁ ବାରମ୍ବାର ଆକ୍ରମଣ କରାଯାଉଛି। ତେବେ ଅଳ୍ପ ଦିନରେ ଯଦି ଦୋଷୀମାନଙ୍କୁ ଗିରଫ କରା ନ ଯାଏ ତେବେ ମଞ୍ଚ ତଥା ଜିଲାର ଜନସାଧାରଣ ପ୍ରଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ବାଧ୍ୟ ହେବେ ବୋଲି ମଞ୍ଚର କର୍ମକର୍ତ୍ତା ସୁଦୀପ କୁମାର ହରିଚନ୍ଦନ, ବୀର ଭାସ୍କର ପାଇକ ପ୍ରମୁଖ କହିଛନ୍ତି।

## ୩୩ ନଂ. ୱାର୍ଡରେ ପାଠାଗାର ପାଇଁ ଭୂମିପୂଜା



ପାଠାଗାର ନିର୍ମାଣ ପାଇଁ ଭୂମିପୂଜା।

ବ୍ରହ୍ମପୁର ଅଫିସ,୧୯।୫

ବ୍ରହ୍ମପୁର ମହାନଗର ନିଗମ ୩୩ ନଂ. ୱାର୍ଡ ଅନ୍ତର୍ଗତ ଗଜପତିନଗରଠାରେ ବିଧାୟକଙ୍କ ହାତପାଣ୍ଠିରୁ ୯.୭୫ ଲକ୍ଷ ଟଙ୍କା ବ୍ୟୟରେ ପାଠାଗାର ନିର୍ମାଣ ପାଇଁ ବୁଧବାର ଭୂମିପୂଜା ହୋଇଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗ ଦେଇଥିଲେ। ଏଥିସହ ଗଜପତିନଗର ୧୨ ଓ ୧୪ନଂ. ୱାର୍ଡର ଦୁଇଟି ଖୋଲା ସ୍ଥାନରେ ପାର୍କ ଓ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ଜାଗା ଚିହ୍ନଟ ହୋଇଥିଲା। ପାର୍କ ଓ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ କମିଶନର ୱାର୍ଡ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର ରୋମାଞ୍ଚଳ ଖମାରୀ, ଗଜପତିନଗର ଉନ୍ନୟନ କମିଟି ସଭାପତି ରାଜେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ସତୀଶ ପାଣିଗ୍ରାହୀଙ୍କ ସମେତ କ୍ରିଷ୍ଣା ପଣ୍ଡା, ୟୁ.କେଦାରନାଥ ପାତ୍ର, ସୁରେଶ ମହାପାତ୍ର ଓ ସୋନାଲି ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ଉଦ୍ୟମ ମାମଲା, ୫ ଗିରଫ

ଦିଗପହଣ୍ଡି,୧୯।୫ (ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୋଟିନେଡ଼ା ଗାଁରେ ଗତ ଶନିବାର ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଂଘବଦ୍ଧ ଆକ୍ରମଣରେ ପ୍ରତିପକ୍ଷ ଗୋଷ୍ଠୀର ମନୋଜ କୁମାର ସ୍ୱାଇଁ ଓରଫ ଟିକି ଗୁରୁତର ହୋଇଥିଲେ। ପୂର୍ବ ଶତ୍ରୁତାରୁ ମନୋଜଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ମାମଲା ନଂ. ୧୧୩/୨ ଅନୁଯାୟୀ ବୁଧବାର ଦିଗପହଣ୍ଡି ପୋଲିସ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସିପୁନ୍ ସ୍ୱାଇଁ, ସୁଶାନ୍ତ ଜେନା, ଦୟାସାଗର ବିଷୋୟୀ ଓରଫ୍ ବାୟା, ଲିଟୁ ସ୍ୱାଇଁ ଓରଫ୍ ଗୁଡୁ, କୋରାମଣି ପ୍ରଧାନ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଘଟଣା ଦିନ ରାତି ପ୍ରାୟ ୧୧ ଟାରେ ଗ୍ରାମର ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ମନୋଜଙ୍କ ସହ ଗାଁର ନିର୍ଦ୍ଦିଷ୍ଟ ଗୋଷ୍ଠୀ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିର୍ମାଣ ଓ ମରାମତି ନାଁରେ ବ୍ୟାପକ ଅର୍ଥ ଆତ୍ମସାତ ଅଭିଯୋଗକୁ ନେଇ ବଚସା ହୋଇଥିଲା। କିଛି ସମୟ ପରେ ମନୋଜଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ଲୋକେ ବିଭିନ୍ନ ମାରଣାସ୍ତ୍ର ଧରି ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ପୋଲିସ ପହଞ୍ଚିବା ପରେ ମଧ୍ୟ ମନୋଜଙ୍କୁ ଠେଙ୍ଗାରେ ଆକ୍ରମଣ କରାଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ଏବେବି ଚିକିତ୍ସାଧୀନ ଥିବା ପରିବାର ଲୋକେ କହିଛନ୍ତି।



ଗିରଫ ୫ ଅଭିଯୁକ୍ତ।

## ଉତ୍ପାଦିତ ଶସ୍ୟ ବିକ୍ରି ହେଉନି, ଚାଷୀ ନିରାଶ

ରମ୍ଭା,୧୯।୫

କରୋନା ଦ୍ୱିତୀୟ ଲହର ବୃଦ୍ଧି ଯୋଗୁ ରମ୍ଭା ପାରିପାର୍ଶ୍ୱିକ ଅଞ୍ଚଳରେ ଉତ୍ପାଦିତ ଶସ୍ୟ ବିକ୍ରି ନ ହୋଇ ନ ପାରିବାରୁ ଚାଷୀ ନିରାଶ ହୋଇଛି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଯୋଗୁ ଫସଲ ବିକ୍ରି ହୋଇପାରୁ ନାହିଁ। ଯାହା କିଛି ବିକ୍ରି ହେଉଛି ତାହା ବହୁତ କମ୍ ଦାମରେ ଯାଉଛି। ଫଳରେ ଚାଷୀ ନିରାଶ ହୋଇ ଉତ୍ପାଦିତ କ୍ୟାରେଟ କ୍ୟାରେଟ ଟମାଟୋ ସଡ଼କ ପାର୍ଶ୍ୱରେ, ପଦରରେ ଓ ହୁଡା କଡେ ଫିଙ୍ଗି ଦେଉଛନ୍ତି। ଉତ୍ପାଦିତ ଟମାଟୋ ରମ୍ଭା ପାରିପାର୍ଶ୍ୱିକ ଅଞ୍ଚଳର ଖାରେଡ଼ି, ସିପକୁଦା, ମଧୁରଚୁଆ, ଡିଆଁଡେଇଁ ଓ ଗବୁଡି ପ୍ରମୁଖ ସ୍ଥାନରେ ଶହ ଶହ ଟ୍ରେ ଦେଖିବାକୁ ମିଳିଥାଏ। ଗୋଟେ କ୍ୟାରେଟରେ ପ୍ରାୟ ୨୫ କେଜି ଟମାଟୋ ରହିଥାଏ। ଏହାର ବଜାର ମୂଲ୍ୟ ପ୍ରାୟ ୩୫୦ ଟଙ୍କା ଆସିଥାଏ। ମାତ୍ର ମହାମାରୀ ଲାଗି ଟମାଟୋ କିଲୋ ପିଛା ୨୦ ରୁ ୨୫ ଟଙ୍କା ଦେଉଛନ୍ତି। ଏମିତି କୃଷକଙ୍କୁ ସେମାନଙ୍କର ପରିଶ୍ରମର ମୂଲ୍ୟ ମିଳୁନାହିଁ। ତେଣୁ ଫିଙ୍ଗାଯାଉଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ତେବେ ବିଭାଗୀୟ ଅଧିକାରୀମାନେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ଦାବି ହେଉଛି।

## କରୋନା ଆକ୍ରାନ୍ତ ଚାଷୀଙ୍କ ମୃତ୍ୟୁ

ଚିକିଟି,(ଡି.ଏନ.ଏ.)- ଚିକିଟି ବ୍ଲକ ନୂଆପଡ଼ା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଗାନ୍ଧୀ କୃଷ୍ଣମୂର୍ତ୍ତିଙ୍କ ଭଣଜା ତଥା ବରିଷ୍ଠ ଚାଷୀ ଏସ୍.ନାରାୟଣ ସୁବୁଦ୍ଧି(୫୭)ଙ୍କ ବୁଧବାର କରୋନାରେ ମୃତ୍ୟୁ ଘଟିଛି। ସେ ଏକ ସପ୍ତାହ ଧରି ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଗତ ୨ଦିନ ତଳେ ଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୁବୁଦ୍ଧିଙ୍କ ବିୟୋଗରେ ନୂଆପଡା ସରପଞ୍ଚ ପ୍ରତିନିଧି ତଥା ବିଜେଡି ଯୁବନେତା ଏସ୍ ଧାର୍ମାରାଜ୍ କହିଛନ୍ତି ଯେ, ତାଙ୍କର ମୃତ୍ୟୁରେ ଅଞ୍ଚଳର ଅପୂରଣୀୟ କ୍ଷତି ହୋଇଛି।

**ସଂକ୍ଷେପରେ**

## ବିବାହ ଦିନ ଯୁବତୀଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୧୯।୫(ଡି.ଏନ.ଏ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ତୁରୁମୁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବିବାହ ଦିନ ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତୁରୁମୁ ଗ୍ରାମର ସନ୍ତୋଷିନୀ ନାୟକ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ତେବେ ସନ୍ତୋଷିନୀ କାହିଁକି ଆତ୍ମହତ୍ୟା କଲେ ତାହା ଜଣାପଡ଼ିନାହିଁ। ବୁଧବାର ଗାଡ଼ିଆପଡ଼ାର ଜଣେ ଯୁବକଙ୍କ ସହ ସନ୍ତୋଷିନୀଙ୍କ ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ତେଣୁ ମଙ୍ଗଳବାର ଗାଁରେ ଭୋଜିଭାତ ସରିଥିଲା। ବୁଧବାର ଅପରାହ୍ନରେ ଝିଅ ବିଦା କରାଯିବାର ଥିଲା। ତେବେ ସକାଳେ ସନ୍ତୋଷିନୀ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ପଚାରିବାରେ ସେ ବିଷ ପିଇ ଦେଇଥିବା କହିଥିଲେ। ସନ୍ତୋଷିନୀଙ୍କୁ ତୁରନ୍ତ ଭଞ୍ଜନଗର ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ଆଇନଜୀବୀଙ୍କ ପରଲୋକ

**ଭଞ୍ଜନଗର,୧୯।୫(ଡି.ଏନ.ଏ):** ଭଞ୍ଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ରାମକୃଷ୍ଣ ଗୌଡ଼ଙ୍କ ପୁଅ ତଥା ଆଇନଜୀବୀ ପ୍ରସନ୍ନ କୁମାର ଗୌଡ଼(୬୨)ଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ପ୍ରସନ୍ନ ପୂର୍ବରୁ ଭଞ୍ଜନଗର ବାର୍ ଆସୋସିଏଶନର ବିଭିନ୍ନ ପଦପଦବୀରେ ଥିଲେ। ମଙ୍ଗଳବାର ସେ ଅସୁସ୍ଥ ଅନୁଭବ କରିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ରାତିରେ ନିଜସ୍ୱ ଗ୍ରାମ ଢ଼ୋଲପିଟାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ପ୍ରସନ୍ନଙ୍କ ବିୟୋଗରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ପ୍ରଶାସନକୁ ସହଯୋଗ କଲେ ଏମ୍‌ପି

**ପାରଳାଖେମୁଣ୍ଡି,୧୯।୫(ଡି.ଏନ୍.ଏ.):** ଗଜପତି ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅଧିକାଂଶ ରୋଗୀଙ୍କ କ୍ଷେତ୍ରରେ ଅକ୍ସିଜେନ୍‌ର ଅଭାବ ଦେଖା ଦେଉଛି। ଏହାର ସମାଧାନ ପାଇଁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ସହାୟତାର ହାତ ବଢାଇଛନ୍ତି। ଆବଶ୍ୟକ 'ଅକ୍ସିଜେନ କନସେଣ୍ଟ୍ରେଟର' ଯନ୍ତ୍ର କିଣିବା ପାଇଁ ଏମ୍‌ପି ନିଜ ପାଣ୍ଠିରୁ ଗଜପତି ଜିଲା ପ୍ରଶାସନକୁ ୨୫ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛନ୍ତି। ଏଥିପାଇଁ ଏମ୍‌ପିଙ୍କୁ ଗଜପତି ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ବାଲିଗୁଡା,୧୯।୫.(ଡି.ଏନ.ଏ.):** ବାଲିଗୁଡ଼ା ପୋଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଥିବା ବେଳେ ଅଣ୍ଡାରୀ ଗାଁ-କିଲୁ ଗାଁ ରାସ୍ତାର ପାର୍ଶ୍ୱବର୍ତ୍ତୀ ଏକ ଜଙ୍ଗଲରୁ ୪୬୪ କିଲୋ ଗଞ୍ଜେଇ ସହ ଗୋଟିଏ ବୋଲେରୋ ଜବତ କରିଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ଜଣ ଫେରାର ଅଛନ୍ତି। ଗଞ୍ଜେଇ ବ୍ୟବସାୟୀମାନେ ଗଞ୍ଜେଇ ଠୁଳ କରି ବିଭିନ୍ନ ଜାଗାକୁ ଚୋରାଚାଲାଣ ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଏସ୍.ଆଇ ଦୀପକ ରାଉତ ଓ ତାଙ୍କ ଟିମ୍ ଚଢ଼ାଉ କରିଥିଲା। ଏ ନେଇ ବାଲିଗୁଡା ପୋଲିସ ନଂ.୮୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭତ୍ତା ଲାଗି ଖରାରେ ବୃଦ୍ଧାବୃଦ୍ଧ ହଟହଟା

**ପୁରୁଷୋତ୍ତମପୁର,୧୯।୫(ଡି.ଏନ.ଏ.):** ମହାମାରୀ ତା'ର କାୟ ବିସ୍ତାର କରୁଥିବାରୁ ଲୋକଙ୍କୁ ଘରୁ ନ ବାହାରିବା ପାଇଁ ସରକାର ଲକଡାଉନ୍ ଜାରି କରିଛନ୍ତି। ଏଭଳି ପରିସ୍ଥିତିରେ କୌଣସି ଗାଡ଼ି ଯାତାୟାତ କରୁ ନଥିବା ବେଳେ ପୁରୁଷୋତ୍ତମପୁର ଅଞ୍ଚଳରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଆଦି ଭତ୍ତା ପାଇଁ ବୃଦ୍ଧାବୃଦ୍ଧମାନେ ହଟହଟା ହେଉଛନ୍ତି। ପ୍ରଚଣ୍ଡ ଖରାରେ ବହୁ ଦୂର ଦୂରାନ୍ତ ଗାଁରୁ ଚାଲି ଚାଲି ପୁରୁଷୋତ୍ତମପୁର ସହର ବ୍ୟାଙ୍କକୁ ଆସି ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ହିତାଧିକାରୀଙ୍କୁ ଘର ନିକଟରେ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ବର୍ତ୍ତମାନ ଅନଲାଇନ ମାଧମରେ ଭତ୍ତା ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଉଛି। ମାତ୍ର ସମସ୍ତ ଗ୍ରାମରେ ବ୍ୟାଙ୍କ ନଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ରଣଝାଲି ଗ୍ରାମର ୭୫ ବର୍ଷୀୟ ବୃଦ୍ଧ କାଶୀନାଥ ରାଉଳ ବ୍ୟାଙ୍କକୁ ଆସିଥିବା ବେଳେ କ୍ଲାନ୍ତ ହୋଇ ବ୍ୟାଙ୍କ ସମ୍ମୁଖ ତଳେ ଶୋଇଯାଇଥିଲେ। ଏପରି ବହୁ ବୃଦ୍ଧାବୃଦ୍ଧ ବିଭିନ୍ନ ବ୍ୟାଙ୍କ ଠାରେ ପଡିରହିଥିବା ଦେଖିବାକୁ ମିଳିଛି। ଏଣୁ ସରକାର ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ହିତାଧିକାରୀଙ୍କ ଘର ନିକଟରେ ଭତ୍ତା ପ୍ରଦାନର ବ୍ୟବସ୍ଥା କରିବା ଲାଗି ବିଭିନ୍ନ ମହଲରୁ ଦାବି ହୋଇଛି।

# ଗଞ୍ଜାମରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟସ୍କ୍ରିନିଂ

### ଅମ୍ଳଜାନସ୍ତର, ଶରୀର ତାପମାତ୍ରା ଯାଞ୍ଚ

**ଛତ୍ରପୁର,୧୯।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଘର ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଛି। ଏହାପୂର୍ବରୁ କିଛି ଦିନ ହେଲା ବ୍ରହ୍ମପୁର ମହାନଗର ଏବଂ ଅଧିକ କରୋନା ସଂକ୍ରମିତ ଚିହ୍ନଟ ହେଉଥିବା କେତେକ ସ୍ଥାନରେ ମଧ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟସ୍କ୍ରିନିଂ କରାଯାଉଥିଲା। ବୁଧବାରରୁ ଜିଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଏବଂ ବ୍ରହ୍ମପୁର ମହାନଗରରେ ଘରକୁ ଘର ଯାଇ ସ୍ୱାସ୍ଥ୍ୟସ୍କ୍ରିନିଂ ହେବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଷ୍ପତ୍ତି ନେଇ ପୂର୍ବରୁ ଏସ୍‌ଓପି ଜାରି କରିଥିଲେ। ଏହି ଅଭିଯାନ ଆରମ୍ଭ ହୋଇଥିବା ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ପ୍ରତି ଘରର ପରିବାର ସଦସ୍ୟଙ୍କ ଅମ୍ଳଜାନସ୍ତର ଯାଞ୍ଚ ଓ ଥର୍ମାଲ ସ୍କ୍ରିନିଂ କରାଯାଉଛି। ଯାହାର ଲକ୍ଷଣ ଦେଖାଯାଉଛି ତାଙ୍କୁ ହସ୍ପିଟାଲକୁ ରେଫର କରାଯାଉଛି। ଜିଲାରେ ଏଥିପାଇଁ ୨୦୨୧ଟି ଟିମ୍ ଗଠନ କରାଯାଇଥିବା ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ସୂଚନା ଦେଇଛନ୍ତି। ଏଥିମଧରେ ଗ୍ରାମାଞ୍ଚଳରେ ୧୮୪୨ଟି ଟିମ୍, ସହରାଞ୍ଚଳରେ ୬୮ଟି ଟିମ୍ ଓ ବ୍ରହ୍ମପୁର ମହାନଗର ନିଗମରେ ୧୧୧ଟି ଟିମ୍ ରହିଛି। ଲକ୍ଷଣ ନ ଲୁଚାଇ ସହଯୋଗ କରିବାକୁ ଜିଲାବାସୀଙ୍କୁ ଜିଲାପାଳ ପୁଣି ଅନୁରୋଧ କରିଛନ୍ତି। ସହରାଞ୍ଚଳରେ ସ୍ୱଚ୍ଛ ସାଥି, ସୁପରଭାଇଜର ଏବଂ ଗ୍ରାମାଞ୍ଚଳରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସହାୟକ (ହେଲପର)ମାନେ ଏହି ସ୍ୱାସ୍ଥ୍ୟ ସର୍ଭେରେ ସାମିଲ ହୋଇଛନ୍ତି। ଏକ ନିର୍ଦ୍ଦିଷ୍ଟ ଅଙ୍ଗନୱାଡି ସଂଘର ସଦସ୍ୟମାନେ ଏଥିରେ ସହଯୋଗ କରୁନଥିବାରୁ ସ୍ୱଚ୍ଛ ସାଥି ଓ ସୁପରଭାଇଜର ଏବଂ ଅନ୍ୟମାନଙ୍କୁ ଏହି କ୍ୟାମ୍ପେନରେ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ଜିଲାର ୫୩,୯୪୬ ଜଣଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଇଥିଲା। ସେଥିରୁ ୩ ଜଣଙ୍କ ଅକ୍ସିଜେନ୍‌ସ୍ତର କମ୍ ରହିଥିବା ବେଳେ ୭ ଜଣଙ୍କ କରୋନା ଲକ୍ଷଣ ଚିହ୍ନଟ ହୋଇଥିଲା। ଜଣଙ୍କୁ କରୋନା ଚିକିତ୍ସା ପାଇଁ ରେଫର କରାଯାଇଥିବା ସୂଚନା ମିଳିଛି।


ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଛି।

## ଅନ୍ତିମ ସଂସ୍କାର କଲେ ହେଲପିଙ୍ଗ୍ ହ୍ୟାଣ୍ଡ ସଦସ୍ୟ

### ଯୁବ ଆଇନଜୀବୀଙ୍କ ଦେହାନ୍ତ

**ଭଞ୍ଜନଗର,୧୯।୫(ଡି.ଏନ.ଏ)**

ବର୍ତ୍ତମାନ ସମୟରେ ସାଧାରଣ ଭାବେ ମୃତ୍ୟୁ ଘଟୁଥିବା ବ୍ୟକ୍ତିଙ୍କ ଅନ୍ତିମ ସତ୍କାରରେ ସାମିଲ ହେବାକୁ ଅଧିକାଂଶ କରୋନା ଭୟରେ ରାଜି ହେଉନାହାନ୍ତି। ମଙ୍ଗଳବାର ରାତିରେ ଭଞ୍ଜନଗର ବାର୍ ଆସୋସିଏଶନର ଯୁବ ସଦସ୍ୟ ରଞ୍ଜନ ଷଡ଼ଙ୍ଗୀ (୪୭)ଙ୍କ ସ୍ଥାନୀୟ ମେଡିକାଲରେ ମୃତ୍ୟୁ ଘଟିଥିଲା। ଭାଇମାନେ ରାଜ୍ୟ ବାହାରେ ରହୁଥିବାରୁ ସେହି ରାତିରେ ତାଙ୍କର ଅନ୍ତିମ ସତ୍କାର ହୋଇପାରି ନ ଥିଲା। ବୁଧବାର ଅପରାହ୍ନରେ ସାନଭାଇ ପହଞ୍ଚିବା ପରେ ହେଲପିଙ୍ଗ୍ ହ୍ୟାଣ୍ଡ ସଦସ୍ୟଙ୍କ ସହଯୋଗରେ ବେଲେଶ୍ୱର ଶ୍ମଶାନ ଘାଟରେ ମୃତଦେହ ସତ୍କାର କରାଯାଇଛି। ରଞ୍ଜନଙ୍କ ଅନ୍ତିମ ସତ୍କାର ପାଇଁ ସମସ୍ୟା ଦେଖାଦେଉଥିବା ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ ଜାଣିବା ପରେ ହେଲପିଙ୍ଗ୍ ହ୍ୟାଣ୍ଡ ଉପଦେଷ୍ଟା ଶୁଳପାଣି ଶତପଥୀଙ୍କ ସହ ଯୋଗାଯୋଗ କରିଥିଲେ। ରଞ୍ଜନଙ୍କ ଭାଇ ପହଞ୍ଚିବା ପରେ ହେଲପିଙ୍ଗ୍ ହ୍ୟାଣ୍ଡ ସଦସ୍ୟ ପ୍ରଶାନ୍ତ ପ୍ରଧାନ ଓ ଅନ୍ୟ ଜଣେ ମିଶି ଭଞ୍ଜନଗର ମେଡ଼ିକାଲରୁ ମୃତଦେହକୁ ବେଲେଶ୍ୱର ଶ୍ମଶାନ ଘାଟକୁ ନେଇ ସତ୍କାର କରିଥିଲେ। ଏହି ସମୟରେ ବାର ଆସୋସିଏଶନ ସଭାପତିଙ୍କ ସମେତ ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ସହସମ୍ପାଦକ ଧିରେନ ସ୍ୱାଇଁ, ଈଶ୍ୱର ମହାରଣା ଉପସ୍ଥିତ ଥିଲେ। ହେଲପିଙ୍ଗ୍ ହ୍ୟାଣ୍ଡର ସଦସ୍ୟମାନେ ବର୍ତ୍ତମାନ ସମୟରେ ୧୦ରୁ ଊର୍ଦ୍ଧ୍ୱ ଅନ୍ତିମ ସତ୍କାର କରି ନିଜର ମାନବିକତା ଦେଖାଇଛନ୍ତି। ବାର ଆସୋସିଏଶନ ଫଣ୍ଡରୁ ରଞ୍ଜନଙ୍କ ପରିବାରକୁ ୭୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।


ମୃତଦେହ ସତ୍କାର ନିମନ୍ତେ ନିଆଯାଉଛି।

# ରାତିଯାଏ ଖୋଲା ରହୁଛି ଓଏସ୍‌ବିସି

### ଜିଲାପାଳଙ୍କ ନିର୍ଦ୍ଦେଶକୁ ଫୁଁ

**ଗୋପାଳପୁର,୧୯।୫**

ଜିଲାପାଳଙ୍କ ନିର୍ଦ୍ଦେଶକୁ ଫୁ କରି ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କନିଷି ହାଟ ତୁଲୁ ରୋଡ୍‌ରେ ଥିବା ଓଡ଼ିଶା ପାନୀୟ ନିଗମ ଡିପୋ (ଓଏସ୍‌ବିସି) ରାତି ଯାଏ ଖୋଲା ରଖୁଥିବା ଅଭିଯୋଗ ହୋଇଛି। କରୋନା ସଂକ୍ରମଣ ରୋକିବାକୁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଅବକାରୀ ବିଭାଗର ନିଷ୍ପତ୍ତି କ୍ରମେ ସୋମବାରରୁ ଜିଲାର ଗ୍ରାହକମାନଙ୍କ ଘରେ ମଦ ପହଞ୍ଚାଇବା ପାଇଁ ଅନ୍‌ଲାଇନ ମଦ କ୍ରୟ କରିବାକୁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସକାଳ ୬ରୁ ଦୋକାନୀମାନେ ଅନ୍‌ଲାଇନ ମଦ ଅର୍ଡର ରଖିବା ସହ ଦିନ୧୨ଟା ପୂର୍ବରୁ ମଦକୁ ଘରେ ପହଞ୍ଚାଇବେ। ଏହା ସହ ତୁଲୁ ରୋଡରେ ଥିବା ଓଡିଶା ପାନୀୟ ନିଗମ ଡିପୋ ସକାଳ ୮ରୁ ୨ଟା ପର୍ଯ୍ୟନ୍ତ ଖୋଲା ରଖାଯିବ। କିନ୍ତୁ ଡିପୋ କର୍ତ୍ତୃପକ୍ଷ ଜାଣିଶୁଣି ମଦ ଚୋରା ଚାଲାଣକୁ ପ୍ରଶ୍ରୟ ଦେବା ନିମନ୍ତେ ରାତି ପର୍ଯ୍ୟନ୍ତ ଡିପୋ ଖୋଲି ଦୋକାନୀଙ୍କୁ ମଦ ଯୋଗାଣ କରିଥିଲେ। ସମସ୍ତ କାର୍ଯ୍ୟାଳୟ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଡିପୋ କର୍ତ୍ତୃପକ୍ଷ ଏହାର ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଏଠାକୁ ପ୍ରତିଦିନ ଶହଶହ ଦୋକାନ ମାଲିକ, ଡ୍ରାଇଭର ଆସୁଥିଲେ ମଧ କାହାର ମଧ ଥର୍ମାଲ ସ୍କ୍ରିନିଂ ହେଉ ନ ଥିବା ବେଳେ ଡିପୋ ପରିସରକୁ ସାନିଟାଇଜ କରାଯାଉନାହିଁ। ଏ ନେଇ ଡିପୋ ଏବିଏମ୍ କ୍ଷମାଶିଷ ରଣାଙ୍କୁ ପଚାରିବାରୁ ଶ୍ରମିକ କମ୍ ଆସୁଛନ୍ତି ଓ ଟେକ୍ନିକାଲ ଅସୁବିଧା ଅଛି, ବର୍ତ୍ତମାନ କିଛି ସମୟ ପରେ ବନ୍ଦ ହେବ ବୋଲି ସେ କହିଥିଲେ।

## ଭୋଜି ବନ୍ଦ, ୪୮ ହଜାର ଜରିମାନା ଆଦାୟ

**ଛତ୍ରପୁର/ପାତ୍ରପୁର/ହିଞ୍ଜିଳିକାଟୁ/ କାଶୀନଗର,୧୯।୫(ଡି.ଏନ.ଏ.)**

କୋଭିଡ୍ ନିୟମ ଉଲ୍ଲଂଘନ କରି ବୁଧବାର ଗଞ୍ଜାମ ଜିଲା ଛତ୍ରପୁର, ପାତ୍ରପୁର ଓ ହିଞ୍ଜିକାଟୁ ଏବଂ ଗଜପତି ଜିଲା କାଶୀନଗରରେ ଚାଲିଥିବା ବିବାହ ଭୋଜିକୁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ବନ୍ଦ କରାଯାଇଛି। ବିଭିନ୍ନ ସ୍ଥାନରୁ ଭୋଜି ଆୟୋଜକଙ୍କଠାରୁ ମୋଟ ୪୮ ହଜାର ଜରିମାନା ଆଦାୟ କରାଯାଇଛି।

ଛତ୍ରପୁର ଥାନା ଅଧୀନ ଚିକିଲଖଣ୍ଡି ଗ୍ରାମରେ ୨ରୁ ୩ଶହ ଲୋକଙ୍କ ପାଇଁ ଆୟୋଜନ କରାଯାଇଥିବା ଭୋଜିକୁ ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ ଓ ପୋଲିସ କର୍ମଚାରୀ ବନ୍ଦ କରିଥିଲେ। ପରେ ରନ୍ଧାଯାଇଥିବା ଖାଦ୍ୟକୁ ନଷ୍ଟ ନ କରାଯାଇ ଛତ୍ରପୁର ସରପଞ୍ଚଙ୍କ ଦାୟିତ୍ୱରେ ଛଡ଼ାଯିବା ସହ ଆୟୋଜକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା କରାଯାଇଥିବା ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି।

ସେହିପରି ପାତ୍ରପୁରର ଜୟନ୍ତୀପୁର ଗ୍ରାମରେ ଚାଲିଥିବା ଦୁଇଟି ବିବାହ ଭୋଜିକୁ ତହସିଲଦାର ଅମିତ କୁମାର ନାୟକ ଓ ଜରଡ଼ା ପୋଲିସ ପହଞ୍ଚି ବନ୍ଦ କରିବା ଆୟୋଜକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ସେହିପରି ହିଞ୍ଜିଳି ପୋଲିସ ପୌରାଞ୍ଚଳର ନୂଆଁଗଡ ଓ ବ୍ଲକର ଗୋଦରାପଲୀ ଗ୍ରାମରେ ଆୟୋଜନ କରାଯାଇଥିବା ୨ ଭୋଜିକୁ ବନ୍ଦ କରିଛି। ଏଥିସହ ଆୟୋଜକଙ୍କଠାରୁ ୪ ହଜାର ଟଙ୍କା ଲେଖାଏ ସମୁଦାୟ ୮ ହଜାର ଜରିମାନା ଆଦାୟ କରାଯାଇଛି।

ସେହିପରି କାଶୀନଗର ଏନ୍‌ଏସି ୧୩ ନଂ. ୱାର୍ଡରେ ଏକ ଭୋଜି ଆୟୋଜନ କରାଯାଇଥିଲା। ଖବର ପାଇ ତହସିଲଦାର ଲକ୍ଷ୍ମୀପ୍ରସାଦ ସାହୁ ଓ ପୋଲିସ ପହଞ୍ଚି ଭୋଜି ବନ୍ଦ କରିବା ସହ ଆୟୋଜକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

## ବୁଗୁଡ଼ାରେ ବୁଲିଲା ରାଜସ୍ୱ ରଥ

**ବୁଗୁଡ଼ା,୧୯।୫(ଡି.ଏନ.ଏ.)**

ବୁଗୁଡ଼ା ତହସିଲରେ ମଙ୍ଗଳବାର ରାଜସ୍ୱ ରଥ ପହଞ୍ଚିବା ପରେ ଏହାକୁ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ତହସିଲ କାର୍ଯ୍ୟାଳୟରେ ଉକ୍ତ ରାଜସ୍ୱ ରଥ ପରିକ୍ରମା କାର୍ଯ୍ୟକୁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ବିଡିଓ ତନ୍ମୟ ପାତ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୁଗୁଡ଼ା ଏନ୍‌ଏସିରେ ରଥ ବିଭିନ୍ନ ସାହି ପରିକ୍ରମା କରି ଅଧିକାରୀମାନେ ତହସିଲ ସେବା ଯୋଗାଣ ସମ୍ପର୍କରେ ସଚେତନ କରିବା ସହ ୨୦ ଜଣ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ। ଏହି ଅବସରରେ ଉପଜିଲାପାଳ ଏନ୍‌ଏସିର ବିଭିନ୍ନ ସ୍ଥାନରେ ଆରମ୍ଭ ହେବାକୁ ଥିବା ଅନେକ ଉନ୍ନୟନ କାର୍ଯ୍ୟ ଦେଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ଗୁମ୍ମାରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ଫେଲ୍

**ଗୁମ୍ମା,୧୯।୫**

ସରକାର ଅନେକ ସେବା ଇଣ୍ଟରନେଟ ମାଧମରେ ଯୋଗାଇ ଦେଇଛନ୍ତି। କିନ୍ତୁ ସବୁଠି ନେଟୱର୍କ ନ ଥିବାରୁ ଏହା ଫେଲ୍ ମାରୁଛି। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ଗୁମ୍ମା ସଦରରେ। ଏଠାରେ ଦୀର୍ଘ ଦିନ ହେବ ବିଏସ୍‌ଏନ୍‌ଏଲ ସେବା ଲୋକଙ୍କୁ ଭଲରେ ମିଳୁନି। ଫଳରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁମ୍ମା ଓ ଏହାର ଆଖପାଖ ପଞ୍ଚାୟତର ପ୍ରାୟ ୮ହଜାର ଲୋକେ ଏହି ନେଟୱର୍କ ଉପରେ ନିର୍ଭର କରିଥାନ୍ତି। ଟିକିଏ ବର୍ଷା ବା ପବନ ହେଲେ ନେଟୱର୍କ ଚାଲିଯାଉଛି। ଗୋଟିଏ ନେଟୱର୍କ ଉପରେ ହଜାର ହଜାର ଲୋକ ନିର୍ଭର କରୁଥିବା ଯୋଗୁ ବହୁ ସରକାରୀ କାର୍ଯ୍ୟ ହୋଇପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜରୁରିକାଳୀନ ସମୟରେ କାହାରିକୁ ଯୋଗାଯୋଗ ମଧ କରାଯାଇପାରୁନାହିଁ। ଏଥିସହ ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଆମ୍ବୁଲାନ୍ସକୁ ମଧ ଯୋଗାଯୋଗ ହୋଇପାରୁନାହିଁ। ଏ ନେଇ ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କଲେ ମଧ କେହି କର୍ଣ୍ଣପାତ କରୁନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଆକାଶ କୁମାର ଦ୍ୱିବେଦୀଙ୍କୁ ବହୁ ଚେଷ୍ଟା କରିବା ପରେ ମଧ ଯୋଗାଯୋଗ ସମ୍ଭବପର ହେଇପାରୁନାହିଁ। ତେବେ ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖିବା ସରକାର ଗୁମ୍ମା ବ୍ଲକକୁ ଅଣଦେଖା କରୁଛନ୍ତି ବୋଲି ଗୁମ୍ମା ସରପଞ୍ଚ ଜିକୋନ୍ୟ ରଇତ, ବ୍ଲକ ବିଜେଡି ସଭାପତି ଏନିଆସ୍ ଗମାଙ୍ଗ, ଯୁବ ସାମାଜିକ କର୍ମୀ ଏଭିଜନ ମଣ୍ଡଳ କହିଛନ୍ତି।


ବିଏସଏନଏଲ ଟାୱାର।

## ଗରିବ କନ୍ୟା ସହାୟତା ପାଣ୍ଠିରୁ ସହାୟତା


ସହାୟତା ପ୍ରଦାନ କରାଯାଉଛି।

**ସୋରଡ଼ା,୧୯।୫(ଡି.ଏନ୍.ଏ.)**

ସୋରଡ଼ା ତାଲୁକା ଗୋପାଳ ସମାଜ ତରଫରୁ ସ୍ଥାନୀୟ ବ୍ଲକର ବି କୋଟିବାଡି ନିକଟ ରାମଚନ୍ଦ୍ରପୁର ଗ୍ରାମର ପଦିଆ ଗଉଡଙ୍କ ଝିଅ ଚୁମୁରିଙ୍କୁ ଗରିବ କନ୍ୟା ସହାୟତା ପାଣ୍ଠିରୁ ୫୦୦୧ ଆର୍ଥିକ ରାଶି ସହ ଶାଢ଼ି ପ୍ରଦାନ କରାଯାଇଛି। ତାଲୁକା ସଭାପତି ଅରୁଣ କୁମାର ଗଉଡ, ଉପସଭାପତି ନୃସିଂହ ପାତ୍ର ,କୋଷାଧକ୍ଷ ବିକଳ ଗଉଡଙ୍କ ଉପସ୍ଥିତିରେ ଏହି ରାଶି ବଣ୍ଟନ କରାଯାଇଛି। ସମାଜ ତରଫରୁ ଗରିବ ପରିବାରଙ୍କୁ ଏହି ପ୍ରକାର ସାହାଯ୍ୟ କରାଯାଉଛି ବୋଲି ସଭାପତି କହିଛନ୍ତି। ଗୋପାଳ ସମାଜର ସମସ୍ତ ସଭ୍ୟ ସୁସ୍ଥ ବିକଶିତ ଭାବଧାରାରେ ରହିବାକୁ ମଧ ପରାମର୍ଶ ଦିଆଯାଉଛି।

# ଟିକା ନେବା ନେଇ ସଚେତନତା


ଆଶାକର୍ମୀଙ୍କ ଦ୍ୱାରା ସଚେତନତା।

**ଆର.ଉଦୟଗିରି,୧୯।୫(ଡି.ଏନ.ଏ.)**

ଆର.ଉଦୟଗିରି ଗ୍ରାମର ଆଶାକର୍ମୀମାନେ ବୁଧବାର ଦିଗବାଣସାହି, ଚାଞ୍ଚଡାସାହି, ତେନ୍ତୁଳିସାହି, ବଙ୍ଗଳାସାହି ଓ ହାଟପଦା ସାହିରେ ବୁଲି ବୁଲି କରୋନା ଟିକା ନେବା ନେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଆଶାକର୍ମୀ ଜ୍ୟୋସ୍ନା ପାଇକ, ବିଜୟଲକ୍ଷ୍ମୀ ପାଇକରାୟ ଏବଂ ମିତାଞ୍ଜଳି ପାତ୍ର ଯୋଗଦେଇ କେଉଁ ବୟସର ଲୋକମାନେ ଟିକା ନେବେ ସେ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ଅଞ୍ଚଳର ଲୋକମାନଙ୍କୁ ସଚେତନ କରାଇଥିଲେ।

# ବନପାଳଙ୍କୁ ନିଲମ୍ବନ କରି ଚୁପ୍ ବସିଛି ବିଭାଗ

### ଶ୍ରୀରାମପୁର ବନାଞ୍ଚଳରେ ବ୍ୟାପକ ଦୁର୍ନୀତି

**ଫୁଲବାଣୀ ଅଫିସ, ୧୯।୫**

କନ୍ଧମାଳ ଜିଲା ବାଲିଗୁଡା ବନଖଣ୍ଡ କୋଟଗଡ ବନାଞ୍ଚଳର ଶ୍ରୀରାମପୁର ସେକ୍ସନରେ ବ୍ୟାପକ ଦୁର୍ନୀତି ହୋଇଛି। ଏହି ଅଞ୍ଚଳରେ ଜଙ୍ଗଲ ବୃଦ୍ଧି ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ମିଳିଥିବା ବ୍ୟାପକ ଅର୍ଥ ହରିଲୁଟ୍ କରାଯାଇଛି। ଏଥିରେ ସମ୍ପୃକ୍ତ ବନପାଳଙ୍କୁ ନିଲମ୍ବନ କରି ବନ ବିଭାଗ ଚୁପ୍ ବସିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁସାରେ, ସରକାରଙ୍କ କାମ୍ପା ଯୋଜନା, ବନ ଉନ୍ନୟନ ପ୍ରକଳ୍ପ (ଏଫଡ଼ିଏ), ସବୁଜ ଭାରତ ମିଶନ (ଜିଆଇଏମ୍), ଓଡିଶା ବାଉଁଶ ଉନ୍ନୟନ ପ୍ରକଳ୍ପ (ଓବିଡିପି), ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଶ୍ରୀରାମପୁର ସେକ୍ସନରେ ଗତ ୨ ବର୍ଷ ମଧରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ଅନୁଦାନକୁ ନିରୀହ ଲୋକଙ୍କ ନାମରେ ମିଥ୍ୟା ଭାଉଚର କରି ଟଙ୍କା ହରିଲୁଟ କରାଯାଇଛି। ସେଠାରେ କାର୍ଯ୍ୟରତ ବନପାଳ ନିଜ ସମ୍ପର୍କୀୟମାନଙ୍କ ବ୍ୟାଙ୍କ ଖାତାରେ ଟ୍ରାନ୍ସଫର କରି ହଡପ କରିଛନ୍ତି। କାମ୍ପା ଯୋଜନାରେ ସ୍ତମ୍ଭୀ, ବଡଗଂପଦର, ଗୋହରିଗାଁ ଆଦି ଗ୍ରାମରେ ଜଙ୍ଗଲ ସଫେଇ, ଜଳ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ବାବଦରେ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ କାମର ନାଁ ଗନ୍ଧ ନାହିଁ। ଗ୍ରାମବାସୀଙ୍କୁ ପଚାରିଲେ ସେଠାରେ ସେପରି କୌଣସି କାର୍ଯ୍ୟ ହୋଇନାହିଁ ବୋଲି କହୁଛନ୍ତି।

ସେହିପରି ବଡଗଂପଦର ବନ ସୁରକ୍ଷା ସମିତିରେ କିଛି କାର୍ଯ୍ୟ ହୋଇ ନ ଥିବା ଗ୍ରାମବାସୀ କହୁଛନ୍ତି। ପରିଡାପର ବିଷୟ ନିରୀହ ଅଧିବାସୀଙ୍କ ଠାରୁ ସ୍ୱାକ୍ଷର ନେଇ ବନ ସୁରକ୍ଷା ସମିତିର ସମସ୍ତ ଟଙ୍କା ହଡପ କରାଯାଇଛି। ୧୦୦ ଭାଗରୁ କେବଳ ୨୦ ଭାଗ କାମ କରି କାର୍ଯ୍ୟ ବାବଦରେ ଶ୍ରମିକମାନଙ୍କୁ ମଜୁରୀ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ଶ୍ରମିକମାନେ ନୂତନ ଭାବେ ଯୋଗ ଦେଇଥିବା ବନାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ। ଅଭିଯୋଗ ଗୁଡିକର ତଦନ୍ତ କରି ବନାଞ୍ଚଳ ଅଧିକାରୀଙ୍କ ସୁପାରିଶକ୍ରମେ ବନଖଣ୍ଡ ଅଧିକାରୀ ସମ୍ପୃକ୍ତ ବନପାଳ ଟିକେଶ୍ୱର ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଶ୍ରୀରାମପୁର ସେକ୍ସନ ବ୍ୟତୀତ ଟିକେଶ୍ୱର କାର୍ଯ୍ୟ କରୁଥିବା ଗୋଦପୁର ସେକ୍ସନ, ଖିଟ୍ପୁର ସେକ୍ସନରେ ମଧ ବିଭିନ୍ନ କାର୍ଯ୍ୟର ବକେୟା ରହିଛି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ବିଶ୍ୱନାଥ ନୀଳାମ୍ବରଙ୍କୁ ପଚାରିବାରେ ସମ୍ପୃକ୍ତ ଅଧିକାରୀଙ୍କ ସମସ୍ତ କାର୍ଯ୍ୟର ତଦନ୍ତ କରାଯାଇ ମାସକ ମଧରେ ଦୃଢ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅପରପକ୍ଷେ ଏଭଳି ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

